# NATIONAL NEWS BULLETIN (ODIA)
## 21 December - 2024
## Evening Bulletin : 7.15 p.m.

**********************************

## <u>ମୁଖ୍ୟ ସମ୍ବାଦ</u>

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇ ଦିନିଆ କୁଏତ ଗସ୍ତ ଆରମ୍ଭ ।

– କୁଏତ ସହିତ ଥିବା ଐତିହାସିକ ସମ୍ପର୍କକୁ ଭାରତ ଅତ୍ୟନ୍ତ ଗୁରୁତ୍ୱ ଦେଇଥାଏ; କହିଲେ ପ୍ରଧାନମନ୍ତ୍ରୀ ।

- ଆଗାମୀ ୧୦ ବର୍ଷ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳ ୨୦ ପ୍ରତିଶ୍ରତ ଅଭିବୃଦ୍ଧି ହାସଲ କରିବ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ୫୫ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ।
- ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ଡି ଲୋକୁର ହେଲେ ଜାତିସଂଘ ଆଭ୍ୟନ୍ତରୀଣ ନ୍ୟାୟ ପରିଷଦର ଅଧ୍ୟକ୍ଷ ।

ଏବଂ

- କୁଆଲାଲମ୍ପୁରରେ ଆସନ୍ତାକାଲି ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ଏସିଆ କପ୍ ଫାଇନାଲରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବ ମୁକାବିଲା ।

# ପିଏମ୍-କୁଏତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଜି ଦୁଇ ଦିନିଆ କୁଏତ ଗସ୍ତ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ କୁଏତ୍ ବିମାନ ବନ୍ଦରରେ ପହଁଞ୍ଚିବା ପରେ ସେଠାରେ କୁଏତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଶେଖ୍ ଫହାଦ ୟୁସୁଫ ସୌଦ ଅଲ୍-ସାବା ଏବଂ ଅନ୍ୟ କେତେକ ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ସ୍ୱାଗତ କରିଥିଲେ । ତାଙ୍କ ଗସ୍ତ ବିଭିନ୍ନ କ୍ଷେତ୍ରରେ ଭାରତ-କୁଏତ ବନ୍ଧୁତାକୁ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ।

ଗତ ୪୩ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଉପସାଗରୀୟ ଦେଶ ଗସ୍ତ । କୁଏତ ଅମୀର ଶେଖ୍ ମେଶାଲ ଅଲ-ଅହମ୍ମଦ ଅଲ୍-ଜାବେର ଅଲ୍-ସବାଙ୍କ ନିମନ୍ତ୍ରଣକ୍ରମେ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ।

ସେଠାରେ ପହଞ୍ଚିବା ପରେ ପ୍ରବାସୀ ଭାରତୀୟମାନେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଉତ୍ସାହର ସହ ସ୍ୱାଗତ କରିଥିଲେ ଏବଂ କୁଏତ ସିଟିରେ

୧୦୧ ବର୍ଷୀୟ ପୂର୍ବତନ ଭାରତୀୟ ବୈଦେଶିକ ସେବା ଅଧିକାରୀ ମଙ୍ଗଲ ସାଇନ୍ ହାଣ୍ଡାଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ଉଭୟ ରାମାୟଣ ଓ ମହାଭାରତକୁ ଆରବୀ ଭାଷାରେ ଅନୁବାଦ କରିଥିବା ଅବଦୁଲ୍ଲା ଅଲ୍ ବରୁଣ ଏବଂ ଆରବୀ ସଂସ୍କରଣ ପ୍ରକାଶ କରିଥିବା ଅବଦୁଲ ଲତିଫ୍ ଅଲ୍ ନେସେଫଙ୍କ ସହ ମଧ ସାକ୍ଷାତ କରିଥିଲେ। ପୂର୍ବରୁ ପ୍ରଧାନମନ୍ତ୍ରୀ ତାଙ୍କ ମାସିକ 'ମନ୍ କି ବାତ୍' ରେଡିଓ ଅଭିଭାଷଣରେ ସେମାନଙ୍କ ସାଂସ୍କୃତିକ ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ।

କୁଏତର ଅମୀର ଏବଂ କ୍ରାଉନ ପ୍ରିନ୍ସଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ବାୟାନ୍ ପ୍ୟାଲେସରେ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଶେଖ୍ ସାଦ ଅଲ୍ ଅବଦୁଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ 'ଅହଲାନ ମୋଦି' କମ୍ୟୁନିଟି ଇଭେଣ୍ଟରେ ଶ୍ରୀ ମୋଦି ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବେ। ୨୬ତମ ଆରବ ଗଲ୍ଫ କପ୍ ଉଦଘାଟନୀ ସମାରୋହରେ ଶ୍ରୀ ମୋଦୀ କୁଏତର ଅମୀରଙ୍କ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, କୁଏତ ସହ ଯେଉଁ ଐତିହାସିକ ସମ୍ପର୍କ ପିଢି ପିଢି ଧରି ବଜାୟ ରହିଛି ତାହାକୁ ଭାରତ ଗଭୀର ଭାବରେ ଗୁରୁତ୍ୱ ଦେଇଥାଏ । ଉଭୟ ଦେଶ ବାଣିଜ୍ୟ ଓ ଶକ୍ତି କ୍ଷେତ୍ରରେ କେବଳ ଦୃଢ଼

ଅଂଶୀଦାର ନୁହଁନ୍ତି ବରଂ ପଶ୍ଚିମ ଏସିଆ କ୍ଷେତ୍ରରେ ଶାନ୍ତି, ନିରାପତ୍ତା, ସ୍ଥିରତା ଏବଂ ସମୃଦ୍ଧି ପାଇଁ ଉଭୟ ଦେଶ ସମାନ ଆଗ୍ରହ ରହିଥିବା ଶ୍ରୀ ମୋଦୀ କହିଛନ୍ତି।

## ଶାହା- ଏନ୍‌ଇସି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନାବାର୍ଡ, ଆର୍‌.ବି.ଆଇ ଏବଂ ଉତ୍ତର ପୂର୍ବ ଉନ୍ନୟନ ଫାଇନାନ୍ସ କର୍ପୋରେସନ ଲିମିଟେଡକୁ ଉତ୍ତର-ପୂର୍ବାଞ୍ଚଳ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପୃଥକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ କହିଛନ୍ତି। ସେ କହିଛନ୍ତି, ଏହି ଅଞ୍ଚଳର ଏକ ସ୍ୱତନ୍ତ୍ର ଭୌଗୋଳିକ ସ୍ଥିତି ରହିଥିବାରୁ ସମଗ୍ର ଦେଶ ପାଇଁ ଗୋଟିଏ ମାର୍ଗଦର୍ଶିକା ସମ୍ଭବ ନୁହଁ। ଅଗରତାଲାଠାରେ ଉତ୍ତର-ପୂର୍ବ ବ୍ୟାଙ୍କ ସମ୍ମିଳନୀ-୨୦୨୪କୁ ସମ୍ବୋଧିତ କରି ପୁଞ୍ଜିନିବେଶକୁ ଆକୃଷ୍ଟ କରିବା କ୍ଷେତ୍ରରେ ଏହି ଅଞ୍ଚଳ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳରେ ହାରାହାରି ୨୦ ପ୍ରତିଶତ ଅଭିବୃଦ୍ଧି ହାର ଦେଖିବାକୁ ମିଳିବ। ଅର୍ଥ ଯୋଗାଣ ସମୟରେ ବ୍ୟାଙ୍କଗୁଡ଼ିକୁ କୋହଳ ମନୋଭାବ ପୋଷଣ କରିବାକୁ କହି ଶ୍ରୀ ଶାହା କହିଛନ୍ତି, ଏହି ଅଞ୍ଚଳର ସମୃଦ୍ଧି ପାଇଁ ଆର୍ଥିକ ନୀତିକୁ ନମନୀୟ କରିବାକୁ ପଡ଼ିବ। ସେ କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳରେ ପ୍ରଚୁର ସମ୍ଭାବନା

ଥିବାରୁ ଏହାର ପ୍ରଗତି ଓ ବିକାଶ ସୁନିଶ୍ଚିତ କରିବା ଜାତୀୟ କର୍ତ୍ତବ୍ୟ। ଏହି ଅଞ୍ଚଳ ବିକଶିତ ଭାରତ ଏବଂ ରପ୍ତାନି ଦୃଷ୍ଟିକୋଣରୁ ଦେଶର ପ୍ରବେଶ ଦ୍ୱାରରେ ପରିଣତ ହେବ ବୋଲି ସେ କହିଛନ୍ତି।

ଆଜି ଅପରାହ୍ନରେ ଅଗରତାଲାରେ ଉତ୍ତର-ପୂର୍ବ ପରିଷଦର ୭୨ତମ ପୂର୍ଣ୍ଣାଙ୍ଗ ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଉତ୍ତର-ପୂର୍ବାଞ୍ଚଳକୁ ସବୁଠାରୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ସେ କହିଛନ୍ତି, ଗତ ୧୦ ବର୍ଷ ଉତ୍ତର-ପୂର୍ବାଞ୍ଚଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। କେନ୍ଦ୍ର ସରକାର ନିବେଶକମାନଙ୍କୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ଶ୍ରୀ ଶାହା କହିଛନ୍ତି, ପୂର୍ବରୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ କେବଳ ଦିଗରେ ବଡ଼ ବଡ଼ କଥା କୁହାଯାଉଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ଏହି ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେବା ପାଇଁ ଆନ୍ତରିକ ପ୍ରୟାସ କରୁଛନ୍ତି । ସେ କହିଛନ୍ତି, ଏହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ।

ଉତ୍ତର-ପୂର୍ବାଞ୍ଚଳକୁ ଦେଶର ଅନ୍ୟ ।ନ୍ୟ ଅଞ୍ଚଳ ସହ ସମକକ୍ଷ କରିବା ପ୍ରଧାନମନ୍ତ୍ରୀ ମୋଦୀ ଓ ବିଜେପି ନେତୃତ୍ୱାଧୀନ ସରକାରଙ୍କ ଲକ୍ଷ୍ୟ ବୋଲି କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଉତ୍ତର ପୂର୍ବାଞ୍ଚଳରେ ଉଗ୍ରବାଦ ଓ ହିଂସାକୁ ଦମନ କରି ସେଠାରେ ଶାନ୍ତି ପ୍ରତିଷ୍ଠା କରିବାରେ ଗୃହମନ୍ତ୍ରୀ ଅମିତ ଶାହଙ୍କ

ଭୂମିକାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଏହି ଅଞ୍ଚଳରେ ଉଗ୍ରବାଦୀ କାର୍ଯ୍ୟକଳାପ ୭୧ ପ୍ରତିଶତ ଓ ହିଂସାଜନିତ  ମୃତ୍ୟୁସଂଖ୍ୟା ୬୦ ପ୍ରତିଶତ ହ୍ରାସ ପାଇଛି।

## ଜିଏସ୍‌ଟି ମିଟିଂ-ଜୈଶାଲମେର୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନର ଜୈସଲମେରଠାରେ ୫୫ତମ ଜିଏସଟି ପରିଷଦ ବୈଠକ ଶେଷ ହୋଇଛି। ବୈଠକରେ ଗୋଆ, ହରିୟାଣା, ଜମ୍ମୁ-କଶ୍ମୀର, ମେଘାଳୟ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଅରୁଣାଚଳ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ବୈଠକରେ ଜିଏସ୍‌ଟି ଓ ଟିକସ ସଂକ୍ରାନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

## ମଦନ ଲୋକର- ଆଇଜେସି ଆପଏଣ୍ଟମେଣ୍ଟ

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ବି ଲୋକୁରଙ୍କୁ ମିଳିତ ଜାତିସଂଘର ଆଭ୍ୟନ୍ତରୀଣ ନ୍ୟାୟ ପରିଷଦ– ଆଇଜେସି'ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ତାଙ୍କର ୪ ବର୍ଷର କାର୍ଯ୍ୟକାଳ  ନଭେମ୍ବର ୧୨, ୨୦୨୮ରେ ଶେଷ ହେବ। ଜଷ୍ଟିସ ଲୋକୁରଙ୍କୁ ଲେଖିଥିବା ଚିଠିରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଲୋକୁରଙ୍କୁ ଆଇଜେସି'ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିବା ଆନନ୍ଦର ବିଷୟ।

ଜାତିସଂଘର ନ୍ୟାୟ ବ୍ୟବସ୍ଥା ପରିଚାଳନାରେ ସ୍ୱାଧୀନତା, ବୃତ୍ତିଗତ ଉତ୍କର୍ଷ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଜାତିସଂଘର ସାଧାରଣ ସଭା ଦ୍ୱାରା ନୂତନ ଆଭ୍ୟନ୍ତରୀଣ ନ୍ୟାୟ ବ୍ୟବସ୍ଥା ଆଇଜେସି ପ୍ରତିଷ୍ଠା କରାଯାଇଛି। ସୂଚନାଯୋଗ୍ୟ, ଜଷ୍ଟିସ୍ ମଦନ ଲୋକୁର ସୁପ୍ରିମକୋର୍ଟ ବିଚାରପତି ଭାବେ ୬ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିବା ପରେ ୨୦୧୮ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଥିଲେ।

## ନଡ୍ଡା- ମିଟିଂ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ୍ଡା ଆଜି ସରକାରଙ୍କ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଉପରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଭାସୀ ଜରିଆରେ ବୈଠକ କରିଛନ୍ତି। ଏହି ଅଭିଯାନର ଅଗ୍ରଗତି ଉପରେ ନଜର ରଖିବା ପାଇଁ ଶ୍ରୀ ନଡ୍ଡା ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ଯକ୍ଷ୍ମା ନିରାକରଣ  ପାଇଁ ସବୁ ସ୍ତରରେ ସଚେତନତା ସୁନିଶ୍ଚିତ କରିବା ପାଇଁ ସେ ବିଧାନସଭା ଓ ପରିଷଦ ସଦସ୍ୟଙ୍କ ସମର୍ଥନ ପାଇଁ ମଧ୍ୟ ଆହ୍ୱାନ କରିଥିଲେ।

## ମୁମ୍ବାଇ- ବୋଟ୍ କଲିଜନ୍

ମୁମ୍ବାଇ ଡଙ୍ଗା ଦୁର୍ଘଟଣାରେ ଆଜି ଜଣେ ୭ ବର୍ଷ ଶିଶୁର  ମୃତଦେହ ଉଦ୍ଧାର କରାଯିବା ପରେ ମୃତକଙ୍କ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଗତ

ବୁଧବାର ଦିନ ମୁମ୍ବାଇର କରଞ୍ଜା ନିକଟରେ ନୌସେନାର ଏକ କ୍ରାଫ୍ଟ ନିୟନ୍ତ୍ରଣ ହରାଇ ଏକ ଯାତ୍ରୀବାହୀ ଡଙ୍ଗାକୁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଶିଶୁଟିର ମା' ମଧ୍ଯ ପ୍ରାଣ ହରାଇଥିଲେ। ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଏଲିଫାଣ୍ଟା ଦ୍ୱୀପକୁ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ଡଙ୍ଗା ଓ ଜାହାଜରେ ଥିବା ୧୧୩ ଜଣଙ୍କ ମଧ୍ୟରୁ ୯୮ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଘଟଣା ଦିନ ୧୩ ଜଣ ପ୍ରାଣ ହରାଇଥିବା ବେଳେ ୨ ଜଣ ନିଖୋଜ ଥିଲେ। ଉଦ୍ଧାରକାରୀ ଦଳ ଗୁରୁବାର ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡଣାଭିସ୍ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି।

## ଓମ୍ ପ୍ରକାଶ ଚଉତାଲା

ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଚୌଧୁରୀ ଓମ୍ ପ୍ରକାଶ ଚୌତାଲାଙ୍କ ମରଶରୀର ଆଜି ପଞ୍ଚଭୂତରେ ଲୀନ ହୋଇଛି। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଗ୍ରାମ ତେଜାଖେଡ଼ାରେ ଆଜି ଅପରାହ୍ନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ତାଙ୍କ ଧର୍ମପତ୍ନୀ ଡକ୍ଟର

ସୁଦେଶ ଧନଖଡ଼, ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି, କେନ୍ଦ୍ରମନ୍ତ୍ରୀ ମନୋହର ଲାଲ, ସାଂସଦ କୁମାରୀ ସେଲଜା ଏବଂ ରଣଦୀପ ସୁର୍ଜେୱାଲାଙ୍କ ସମେତ ବିଭିନ୍ନ ମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୟୁ-୧୯ ୱିମେନ୍ସ ଏସିଆ କପ୍

ମାଲେସିଆର କୁଆଲାଲମ୍ପୁରଠାରେ ଆସନ୍ତାକାଲି ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଏସିଆ କପ୍ ଫାଇନାଲ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ଭାରତୀୟ ସମୟ ସକାଳ ୭ଟାରୁ ଆରମ୍ଭ ହେବ।

ଗତକାଲି ସୁପର-୪ ମ୍ୟାଚରେ ଶ୍ରୀଲଙ୍କାକୁ ୪ ୱିକେଟରେ ପରାସ୍ତ କରି ଭାରତ ଫାଇନାଲରେ ପ୍ରବେଶ କରିଛି। ୯୯ ରନ୍‌ର ଲକ୍ଷ୍ୟକୁ ଭାରତୀୟ ଦଳ ମାତ୍ର ୧୪ ଓଭର ୫ଟି ବଲ୍ ଖେଳି ହାସଲ କରିନେଇଥିଲା। ଏହା ପୂର୍ବରୁ ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୯୮ ରନ୍ କରିଥିଲା। ଅନ୍ୟ ଏକ ସୁପର-୪ ମ୍ୟାଚରେ ବାଂଲାଦେଶ ନେପାଳକୁ ୯ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

# ଆଇଏସ୍ଏସ୍ଏଫ୍ ଜୁନିୟର ୱାର୍ଲଡ କପ୍

ଆସନ୍ତାବର୍ଷ ହେବାକୁ ଥିବା ଆଇଏସ୍ଏସ୍ଏଫ ଜୁନିୟର ବିଶ୍ୱକପ୍‌ରେ ରାଇଫଲ, ପିସ୍ତଲ ଏବଂ ଶଟଗନ୍ ପ୍ରତିଯୋଗିତାର ଆୟୋଜନ ଅଧିକାର ଭାରତକୁ ମିଳିଛି। ଭାରତୀୟ ଜାତୀୟ ରାଇଫଲ ସଂଘ କହିଛି, ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ ଅଧିକାର ମିଳିଥିବାରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାସ୍ଥଳ ଭାବେ ଭାରତର ପ୍ରତିଷ୍ଠା ସୁଦୃଢ଼ ହୋଇଛି। ଟୁର୍ଣ୍ଣାମେଣ୍ଟର ତାରିଖ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

୨୦୨୩ ମସିହାରେ ଭୋପାଳରେ ସିନିୟର ବିଶ୍ୱକପ୍ ଆୟୋଜନ ଏବଂ ଚଳିତ ବର୍ଷ ଅକ୍ଟୋବରରେ ସିଜନ ଶେଷ ବିଶ୍ୱକପ୍ ଫାଇନାଲ୍ ପରେ ଏହା ଦେଶର ତୃତୀୟ ଶ୍ରେଷ୍ଠ ଅନ୍ତର୍ଜାତୀୟ ସୁଟିଂ କ୍ରୀଡ଼ା ପ୍ରତିଯୋଗିତା ହେବ।